# Telephone conversation between Prime Minister and the President of Russian Federation

July 02, 2020

# ପ୍ରଧାନମନ୍ତ୍ରୀ ଏବଂ ଋଷ ସଂଘର ରାଷ୍ଟ୍ରପତିଙ୍କ ଭିତରେ ଟେଲିଫୋନ୍ ରେ କଥାବାର୍ତ୍ତା

ଜୁଲାଇ 02, 2020

ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ 2 ଜୁଲାଇ 2020 ରେ ଋଷ ସଂଘର ଏଚ.ଇ. ରାଷ୍ଟ୍ରପତି ବ୍ଲାଦିମିର ପୁତିନଙ୍କ ସହିତ ଫୋନ୍ ରେ କଥାବାର୍ତ୍ତା କରିଛନ୍ତି।

ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ବିଜୟର 75ତମ ବାର୍ଷିକୀ ପାଳନ ଉତ୍ସବରେ ସଫଳ ହେବା ସହିତ ଋଷରେ ସାମ୍ବିଧାନିକ ସଂଶୋଧନରେ ମତଦାନ ପ୍ରକ୍ରିୟା ସଫଳ ଭାବରେ ସମାପ୍ତ ହୋଇଥିବାରୁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତି ପୁତିନ୍ ଙ୍କୁ ଅଭିନନ୍ଦନ ଜଣେଇଛନ୍ତି।

ପ୍ରଧାନମନ୍ତ୍ରୀ  24 ଜୁନ୍ 2020 ରେ ମସ୍କୋରେ ଆୟୋଜିତ ହୋଇଥିବା ସୈନ୍ୟ ମାନଙ୍କର ପରେଡରେ ଜଣେ ଭାରତୀୟ ଦଳର ଅଂଶଗ୍ରହଣକୁ ଭାରତ ଏବଂ ଋଷର ଲୋକମାନଙ୍କ ମଧରେ ବନ୍ଧୁତ୍ୱର ପ୍ରତୀକ ଭାବରେ ମନେ ପକାଇଥିଲେ।

ଉଭୟ ନେତାମାନେ କୋଭିଡ୍ -19 ବିଶ୍ୱଜଗତର ମହାମାରୀର ନକାରାତ୍ମକ ପରିଣାମ ଗୁଡ଼ିକୁ ଦୂର କରିବା ପାଇଁ ଦୁଇ ଦେଶ ଦ୍ୱାରା ନିଆଯାଇଥିବା ପ୍ରଭାବଶାଳୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ ଏବଂ କୋଭିଡ୍ ପରବର୍ତ୍ତୀ ସମୟରେ ବିଶ୍ୱ ଜଗତର ଚ୍ୟାଲେଞ୍ଜ ଗୁଡ଼ିକୁ ମିଳିତ ଭାବରେ ସମାଧାନ କରିବା ପାଇଁ ଭାରତ- ଋଷ ସମ୍ପର୍କର ମହତ୍ତ୍ୱ ଉପରେ ସହମତ ହୋଇଥିଲେ।

ଦୁହେଁ ଏହି ବର୍ଷର ଅନ୍ତରେ ଭାରତରେ ହେବାକୁ ଥିବା ବାର୍ଷିକ ଦ୍ୱିପକ୍ଷୀୟ ସମ୍ମିଳନୀର ଆୟୋଜନକୁ ନେଇ ଦ୍ୱିପକ୍ଷୀୟ ଚୁକ୍ତିନାମା ଓ ପରାମର୍ଶକୁ ବଜାୟ ରଖିବା ପାଇଁ ସହମତ ହେଲେ। ପ୍ରଧାନମନ୍ତ୍ରୀ ଦ୍ୱିପକ୍ଷୀୟ ସମ୍ମିଳନୀ ପାଇଁ ଭାରତରେ ରାଷ୍ଟ୍ରପତି ପୁତିନଙ୍କୁ ସ୍ୱାଗତ କରିବା ପାଇଁ ନିଜର ଆଗ୍ରହ ପ୍ରକାଶ କରିଛନ୍ତି।

ଫୋନ୍ କଲ ପାଇଁ ରାଷ୍ଟ୍ରପତି ପୁତିନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ସମସ୍ତ କ୍ଷେତ୍ରରେ ଦୁଇ ମଧରେ ସ୍ୱତନ୍ତ୍ର ଏବଂ ବିଶେଷାଧିକାର ପ୍ରାପ୍ତ ଭାଗିଦାରୀକୁ ଆହୁରି ମଜବୁତ କରିବାକୁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି।

**ନୂଆ ଦିଲ୍ଲୀ**
**ଜୁଲାଇ 02, 2020**

DISCLAIMER : This is an approximate translation. The original is available in English on MEA’s website and may be referred to as the official press release.